# ଶିକ୍ଷା ବିଲ୍ ୨୦୦୪ – କତିପୟ ଜିଜ୍ଞାସା

ସମସ୍ତେ ଜାଣିଛନ୍ତି, ୧୯୫୦ ରେ ଘୋଷିତ ହୋଇଥିବା ସମ୍ବିଧାନର ରାଷ୍ଟ୍ରୀୟ ନୀତି-ନିର୍ଦ୍ଦେଶିକା ଧାରା ୪୫ ରେ କୁହାଯାଇଥିଲା ଯେ, ୧୦ ବର୍ଷ ଭିତରେ, ଅର୍ଥାତ୍ ୧୯୬୦ ସୁଦ୍ଧା ଦେଶର ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ । ଏହାଛଡା ସମ୍ବିଧାନର ଧାରା ୪୧ରେ ମଧ୍ୟ ସମସ୍ତଙ୍କୁ ନିଯୁକ୍ତି ଓ ଶିକ୍ଷାର ଅଧିକାର ପ୍ରଦାନ ସହିତ ବେକାର, ବୟସ୍କ, ବେମାର ଓ ପଙ୍ଗୁ ନାଗରିକମାନଙ୍କ ପାଇଁ ରାଷ୍ଟ୍ର ସମୁଚିତ ବ୍ୟବସ୍ଥା ଗ୍ରହଣ କରିବ ବୋଲି ଅଙ୍ଗୀକାର କରାଯାଇଥିଲା । ପ୍ରଥମ ୧୦ ବର୍ଷ ଭିତରେ ତାହା ସମ୍ଭବ ହୋଇ ନପାରିବାରୁ କେନ୍ଦ୍ର ସରକାର ପୁଣି ଘୋଷଣା କଲେ ଯେ, ୧୯୭୦ ସୁଦ୍ଧା ତାହା ହାସଲ ହେବ । ତାପରେ ଏହି ଶୃଙ୍ଖଳାରେ ଲକ୍ଷ୍ୟପ୍ରାପ୍ତିର ସମୟସୀମାକୁ ଘୁଞ୍ଚାଇ ଘୁଞ୍ଚାଇ ୧୯୮୦, ୧୯୯୦ ଓ ୨୦୦୦ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ହେବ ବୋଲି ଯଥାକ୍ରମେ ଘୋଷଣା ହୋଇ ଆସିଲା । କିନ୍ତୁ ୨୦୦୧ ଜନଗଣନା ପରେ ଦେଖାଗଲା ଯେ, ପୃଥିବୀର ସର୍ବବୃହତ୍ ନିରକ୍ଷର ଜନଗୋଷ୍ଠୀ ( ପ୍ରାୟ ୩୫ କୋଟି) ତଥା ସ୍କୁଲ୍‌କୁ ଯାଉନଥିବା ପିଲାସଂଖ୍ୟା ( ପ୍ରାୟ ୫ କୋଟି ୬୦ ଲକ୍ଷରୁ ୭କୋଟି) ଭାରତରେ ହିଁ ଅଛନ୍ତି । ପୁଣି ୨୦୦୧ ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟାର ମାତ୍ର ୫୫% ସାକ୍ଷର, ପୁଣି ସାକ୍ଷରଙ୍କ ଭିତରୁ ପୁରୁଷଙ୍କ ସଂଖ୍ୟା ଶତକଡା ୬୪ ଥିବାବେଳେ ମହିଳାଙ୍କ ସଂଖ୍ୟା ମାତ୍ର ଶତକଡା ୪୬ । ଅଥଚ ପଡୋଶୀ ଚୀନ୍ ଆମ ଠାରୁ ଡେରିରେ ସ୍ୱାଧୀନତା ଲାଭ କରିଥିଲେ ହେଁ ସେଠାରେ ବର୍ତ୍ତମାନ ଶତକଡା ୮୮ ଲୋକ ଶିକ୍ଷିତ ।

ତାପରେ ୨୦୦୧ରେ ୫୫୦୦ କୋଟି ଟଙ୍କା ବ୍ୟୟରେ ବହ୍ୱାଡମ୍ବରରେ ଆରମ୍ଭ ହୋଇଥିବା ସର୍ବଶିକ୍ଷା ଅଭିଯାନ ଘୋଷଣା କଲା ଯେ, ୨୦୧୦ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ହେବ । ୨୦୧୦ କୁ ଆଖିଆଗରେ ରଖି ଅଭିଯାନର କର୍ମ ଯୋଜନାରେ କୁହାଯାଇଛି ଯେ, ୨୦୦୩ ସୁଦ୍ଧା ସମସ୍ତ ପିଲାଙ୍କୁ କୌଣସି ନା କୌଣସି ବିଦ୍ୟାଳୟରେ ଭର୍ତ୍ତି କରାଇ ୨୦୦୭ ସୁଦ୍ଧା ସେମାନେ ୫ବର୍ଷର ପ୍ରାଥମିକ ଶିକ୍ଷା ତଥା ୨୦୧୦ ସୁଦ୍ଧା ୮ବର୍ଷିଆ' ଉଚ୍ଚ-ପ୍ରାଥମିକ ଶିକ୍ଷା ସମାପ୍ତ କରିଥିବାର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପଡିବ । ଇତି ମଧ୍ୟରେ ପ୍ରଥମ ଦଫାରେ ସବୁପିଲାଙ୍କୁ ସ୍କୁଲ୍‌କୁ ଆଣିବାର ସମୟସୀମା, ୨୦୦୩ ମସିହା ଅତିକ୍ରାନ୍ତ ହୋଇଗଲାଣି । କିନ୍ତୁ ବାସ୍ତବତା କ'ଣ ? ଖୋଦ୍ ରାଷ୍ଟ୍ରପତି ଡକ୍ଟର କଲାମ୍ ଗତ ୧୪ ଅଗଷ୍ଟ ୨୦୦୪ରେ ୫୮ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଜାତିପ୍ରତି ତାଙ୍କ ଉଦ୍‌ବୋଧନରେ କ୍ଷୋଭର ସହ କରିଛନ୍ତି ଯେ, ପ୍ରାଥମିକ ଶିକ୍ଷାକୁ ମୌଳିକ ଅଧିକାର କରିବା ପାଇଁ ଆଇନ୍ ହେଲା ପରେ ବି ସମାଜର ଦୁର୍ବଳ ଶ୍ରେଣୀର ପିଲାମାନଙ୍କର ଏକ ବିଶାଳ ସଂଖ୍ୟା ଏଥିରୁ ବଞ୍ଚିତ ରହିଛନ୍ତି । ଏହାଛଡା ୧୯୯୦ରେ ମିଳିତ ଜାତିସଂଘ ତରଫରୁ ପ୍ରକାଶିତ ଶିଶୁ ଅଧିକାର ଘୋଷଣାନାମାରେ ଭାରତ ସମେତ ୧୯୧ ଟି ଦେଶ ସ୍ୱାକ୍ଷର କରିଛନ୍ତି । ଏହି ଘୋଷଣାନାମାର ଧାରା ୨୮ରେ ଶିକ୍ଷାକୁ ଶିଶୁର ଏକ ମୌଳିକ ଅଧିକାର ବୋଲି ଦର୍ଶାଯାଇଛି ।

ଶିକ୍ଷା ବିଶେଷକରି ପ୍ରାଥମିକ ଶିକ୍ଷା ରାଜ୍ୟ ଓ କେନ୍ଦ୍ରାଞ୍ଚଳ ମାନଙ୍କର ଦାୟିତ୍ୱ ଥିଲା, ୧୯୭୬ ମସିହାର ୪୨ତମ ସଂବିଧାନ ସଂଶୋଧନ ପର୍ଯ୍ୟନ୍ତ, କିନ୍ତୁ ଏହି ସଂଶୋଧନ ପରେ ଶିକ୍ଷା କେନ୍ଦ୍ର ତାଲିକାରେ ସ୍ଥାନ ପାଇଲା । ତା ପରଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହୋଇ ଆସୁଛି ।

ବର୍ତ୍ତମାନ ସୁଦ୍ଧା ମୋଟ ୧୫ଟି ରାଜ୍ୟ ଓ ୪ଟି କେନ୍ଦ୍ରାଞ୍ଚଳର ସରକାରମାନେ ନିଜ ନିଜର ଅଞ୍ଚଳ ପାଇଁ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଆଇନ୍ ବହୁ ଆଗରୁ ଲାଗୁ କରିଆସିଛନ୍ତି । ଏହି ଆଇନ୍ ଯୋଗୁଁ ପିଲାମାନଙ୍କୁ ମାସିକ ଫିସ୍ ଦେବାକୁ ପଡୁନି ସତ, କିନ୍ତୁ ଖାତାବହି, ପୋଷାକ, ଯାତାୟତ ତଥା ଖାଦ୍ୟପେୟ ଇତ୍ୟାଦିର ଖର୍ଚ୍ଚ ବାପମା ଓ ଅଭିଭାବକମାନଙ୍କୁ ବହନ କରିବାକୁ ପଡୁଛି । ବଡ ବିସ୍ମୟର କଥା, କେରଳ ରାଜ୍ୟରେ ଏତାଦୃଶ ଆଇନ୍ ନଥିବା ସତ୍ତ୍ୱେ ସେଠାରେ ସାକ୍ଷରତା ହାର ଶତକଡା ୯୧, ଅଥଚ ବିହାରରେ ଏହି ଆଇନ୍ ଥାଇ ସାକ୍ଷରତା ହାର ମୋଟେ ଶତକଡା ୩୮.୫, ଯାହାକି ଜାତୀୟ ହାର ୬୪.୮ ଠାରୁ ଯଥେଷ୍ଟ କମ୍ ଓ ସାରା ଦେଶରେ ସବୁଠୁଁ କମ୍ । ସୁତରାଂ ଲୋକ ଦେଖାଳିଆ ଆଇନ୍ ଦ୍ୱାରା ସାକ୍ଷରତା ହେଉ, ବା ଆଉ କିଛି ପ୍ରଗତିଶୀଳ ଲକ୍ଷ୍ୟ ହେଉ, ତାହା ହାସଲ ହୋଇପାରିବ ନାହିଁ । ୧୯୮୭ରେ ଅପରେସନ୍ ବ୍ଲାକ୍ ବୋର୍ଡ କାର୍ଯ୍ୟକ୍ରମ ଏକ ଦଶନ୍ଧି ପରେ ସ୍ଥାଣୁ ପାଲଟିଯାଇଛି ।

ସାର୍ବଜନୀକ ଶିକ୍ଷା ପାଇଁ ସାମ୍ବିଧାନିକ ଅଙ୍ଗୀକାରର ନଗ୍ନ, ନିଛକ ଓ କ୍ରମାଗତ ବିଫଳତାକୁ ନେଇ ଆଉ କାହାରି ସନ୍ଦେହ ନାହିଁ । କିନ୍ତୁ ଏହି ବିଫଳତାର କାରଣ ଓ ନିଦାନ ନିର୍ଣ୍ଣୟ କ୍ଷେତ୍ରରେ ଆମର ରାଜନୈତିକ ନେତୃତ୍ୱ, ପ୍ରଶାସକଗୋଷ୍ଠୀ, ବିଚାରବିଭାଗ ତଥା ଶିକ୍ଷାପ୍ରେମୀ ବୁଦ୍ଧିଜୀବିଗଣ ସେହି ପୁରୁଣା ଢଙ୍ଗରେ ଚିନ୍ତା କରିଚାଲିଛନ୍ତି ବୋଲି ମନେହୁଏ । ନିକଟ ଅତୀତର ଘଟଣାକ୍ରମରୁ ଏହା ସ୍ପଷ୍ଟ ବୁଝିହେବ । ୧୯୯୩ରେ ଉନ୍ନିକ୍ରିଷ୍ଣନ୍ ଜେ.ପି. ବନାମ ଆନ୍ଧ୍ର ପ୍ରଦେଶ ମାମଲାରେ ସୁପ୍ରିମ୍ କୋର୍ଟ କହିଥିଲେ, ଶିକ୍ଷା ପାଇବା ନାଗରିକମାନଙ୍କର ଏକ ମୌଳିକ ଅଧିକାର, ଯାହାକି ସମ୍ବିଧାନରେ ସ୍ଥାନିତ ଧାରା ୨୧ ଅନ୍ତର୍ଗତ ଜୀବନ ଓ ସ୍ୱାତନ୍ତ୍ର୍ୟ ପାଇଁ ଅଧିକାରରର ଅଙ୍ଗବିଶେଷ । କିନ୍ତୁ ସେହି ରାୟରେ ଏହି ଦୃଢୋକ୍ତିକୁ ହାଲ୍‌କା କରି ପୁଣି କୁହାଯାଇଥିଲା ଯେ, ଏହାକୁ ଏକ ସାର୍ବଭୌମ ଅଧିକାର ବୋଲି ଦାବୀ କରାଯାଇ ପାରିବ ନାହିଁ ଏବଂ ଏହାର ପରିପୂରଣ ରାଷ୍ଟ୍ରର ଆର୍ଥିକ କ୍ଷମତା ଉପରେ ନିର୍ଭର କରିବ । ସୁପ୍ରିମ୍ କୋର୍ଟଙ୍କ ଏହି ଦ୍ୱିମୁଖୀ ବକ୍ତବ୍ୟ ତଥା ସାଇକିଆ କମିଟି (୧୯୯୬-୯୭) ର ସୁପାରିଶ୍‌କୁ ଆଧାର କରି ୧୯୯୭ରେ ଯୁକ୍ତ ଫ୍ରଂଣ୍ଟ ସରକାରର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ଏସ୍

,ଆର୍. ବୋମାଇ ପ୍ରାଥମିକ ଶିକ୍ଷାକୁ ମୌଳିକ ଅଧିକାରର ମାନ୍ୟତା ଦେବା ପାଇଁ ୮୩ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଲେ । ସାଇକିଆ କମିଟି ମତରେ ବର୍ଷକୁ ୮,୦୦୦ କୋଟି ଟଙ୍କା ହିସାବରେ ୫ବର୍ଷରେ ମୋଟ ୪୦,୦୦୦ ଟଙ୍କା ଲାଗିବ । କିନ୍ତୁ ଏହି ସରକାରର ପତନ ଓ ତତ୍ପରବର୍ତ୍ତୀ ରାଜନୈତିକ ଅସ୍ଥିରତା ଯୋଗୁଁ ବିଲ୍‌ଟି ସେମିତି ପଡି ରହିଥିଲା । ତାପରେ ଏନ୍.ଡି.ଏ. ସରକାର ଆସିଲା ପରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡକ୍ଟର ମୁରଲୀ ମନୋହର ଜୋଷୀ ବିଲ୍‌ଟିକୁ ସାମାନ୍ୟ ସଂଶୋଧନ ସହ ପେଶ୍ କଲେ । ଏହା ୨୮ ନଭେମ୍ବର ୨୦୦୧ରେ ଲୋକସଭାରେ ତଥା ୧୪ ମେ ୨୦୦୨ରେ ରାଜ୍ୟସଭାରେ ଗୃହୀତ ହୋଇଥିଲା । ସଂସଦର ଉଭୟ କକ୍ଷରେ ସରଗରମ ଆଲୋଚନା ହୋଇଥିବା ସତ୍ତ୍ୱେ ଏହା ଉଭୟ କକ୍ଷରେ ସର୍ବସମ୍ମତି କ୍ରମେ ପାଶ୍ ହୋଇଥିଲା । ଏହି ବିଲ୍ ସହିତ ସଂଲଗ୍ନ ଆର୍ଥିକ ଅଟକଳରେ ବର୍ଷକୁ ୯୮୦୦ କୋଟି ଟଙ୍କା ହିସାବରେ ଦଶବର୍ଷ ଧରି ବ୍ୟୟ କରିବାକୁ ପଡିବ ବୋଲି ଦର୍ଶାଯାଇଥିଲା । ଯଦିଓ ତାପସ ମଜୁମ୍‌ଦାର କମିଟି ରିପୋର୍ଟ ୧୯୯୯ ଅନୁଯାୟୀ ବର୍ଷକୁ ୧୩,୭୦୦ ଟଙ୍କା ହାରରେ ୧୦ ବର୍ଷ ପାଇଁ ମୋଟ ପ୍ରାୟ ମୋଟ ୧,୪୦,୦୦୦ କୋଟି ଟଙ୍କା ଦରକାର ହେବ ବୋଲି ଅଟକଳ କରାଯାଇଥିଲା । ଆମର ସାଂସଦମାନେ ଉଭୟ ଗୃହରେ ସର୍ବସମ୍ମତି କ୍ରମେ ୯୩ ତମ ସମ୍ବିଧାନ ସଂଶୋଧନ ବିଧେୟକ (ଯାହାକି ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ୮୬ତମ ସଂଶୋଧନ ରୂପେ ପରିଚିତ)କୁ ପାଶ୍ କରାଇଲେ, ଯେଉଁଥିରେ 'ନଥିବ ବାଉଁଶ, ନବାଜେ ବଂଇଶୀ' ନ୍ୟାୟରେ ସମ୍ବିଧାନରେ ଥିବା ୧୦ବର୍ଷ କଥାଟାକୁ ବାଦ୍ ଦିଆଗଲା ଓ କେବଳ କୁହାଗଲା ଯେ, ସରକାର ଆବଶ୍ୟକୀୟ ଆଇନ୍ ପ୍ରଣୟନ କରି ୬ରୁ ୧୪ ବର୍ଷର ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବେ । ଶିକ୍ଷାପାଇବା ଯେହେତୁ ଏକ ସର୍ବସ୍ୱୀକୃତ ମୌଳିକ ମାନବିକ ଅଧିକାର, ତେଣୁ ସଂବିଧାନର ଧାରା ୨୧ ଯାହାକି ବ୍ୟକ୍ତିର ଜୀବନ ଓ ସ୍ୱାତନ୍ତ୍ର୍ୟ ଉପଭୋଗର ଅଧିକାର ପାଇଁ ଉଦ୍ଦିଷ୍ଟ, ସେଥିରେ ଉପରୋକ୍ତ ସଂଶୋଧନ ଅନୁଯାୟୀ ୨୧-ଏ ବୋଲି ଏକ ଉପଧାରା ଏହି ମର୍ମରେ ଯୋଡାଗଲା । ପୁଣି ଏହି ସଂବିଧାନ ସଂଶୋଧନ ଅନୁଯାୟୀ ଧାରା ୫୧ରେ ବର୍ଣ୍ଣିତ ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ ତାଲିକା ସହିତ ଆଉ ଗୋଟିଏ ନୂଆ କର୍ତ୍ତବ୍ୟ ଯୋଡାଗଲା, ତାହା ହେଉଛି, ପ୍ରତି ପିତାମାତା ବା ଅଭିଭାବକ ତାଙ୍କର ୬ରୁ୧୪ବର୍ଷର ପିଲାଙ୍କୁ ଯେମିତି ହେଲେ ଶିକ୍ଷାର ସୁଯୋଗ ଯୋଗାଇଦେବେ । ଶିଶୁ ଅଧକାର ଘୋଷଣାନାମାରେ ୧୮ବର୍ଷକୁ ଶୈଶବର ଶେଷବୋଲି କୁହାଯାଯାଇଛି । କିନ୍ତୁ ଶିକ୍ଷା ବିଲ୍ ୨୦୦୪ କେବଳ ୧୪ବର୍ଷ ପର୍ଯ୍ୟନ୍ତ ଶିକ୍ଷା କଥା କହିଛି । ସରକାରୀ ଓ ବେସରକାରୀ କ୍ଷେତ୍ରରେ ଥିବା ଅନେକ ପଣ୍ଡିତମନ୍ୟ ବ୍ୟକ୍ତିଙ୍କ ମତରେ ବହୁଚର୍ଚ୍ଚିତ ୮୬ତମ ସଂବିଧାନ ସଂଶୋଧନ ଆଇନ୍ କୁଆଡେ ଏକ ଯୁଗାନ୍ତକାରୀ ପଦକ୍ଷେପ ! ସେମାନଙ୍କ ଯୁକ୍ତି ହେଲା, ଏହାଫଳରେ ଏତେଦିନେ ଶିକ୍ଷାର ଅଧିକାରକୁ ସଂବିଧାନର ନୀତି-ନିର୍ଦ୍ଦେଶ ବଦଳରେ ମୌଳିକ ଅଧିକାରର ମାନ୍ୟତା ଦିଆଯାଇ ପାରିଛି ।

କିନ୍ତୁ ପ୍ରଶ୍ନ ଉଠେ, ସମ୍ବିଧାନର ଏହି ସଂଶୋଧନ ଅଭାବରୁ କ'ଣ ଶିକ୍ଷାକୁ ସାର୍ବଜନୀନ କରାଯାଇ ପାରିନି ? ନେହେରୁ, ପଟେଲ୍ , ଆଜାଦ୍ , ରାଜେନ୍ଦ୍ର ପ୍ରସାଦ ଓ ଆମ୍ବେଦକର ପ୍ରମୁଖ ନେତୃବର୍ଗ ଯେଉଁମାନେ କି ସମ୍ବିଧାନ-ପ୍ରଣୟନ ସଭାର ପୁରୋଭାଗକୁ ମଣ୍ଡନ କରିଥିଲେ ଓ ତାପରେ ଯେଉଁ ରଥୀମହାରଥୀମାନେ ଦୀର୍ଘ ଅର୍ଦ୍ଧଶତାବ୍ଦୀଧରି କେନ୍ଦ୍ରରେ ଓ ରାଜ୍ୟରେ ସରକାର ଚଳାଇଲେ, ସେମାନଙ୍କ ଭିତରୁ କ'ଣ କାହାରି ମୁଣ୍ଡକୁ 'ଶିକ୍ଷା ଏକ ମୌଳିକ ଅଧିକାର' ବୋଲି ଧାରଣା ଜୁଟି ନଥିଲା ? ତେବେ ସମ୍ବିଧାନ ଘୋଷଣାର ୧୦ ବର୍ଷ ଭିତରେ ଦେଶର ସବୁ ୧୪ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦିଆଯିବ ବୋଲି ସେମାନେ ସମ୍ବିଧାନର ଧାରା ୪୫ରେ ଅଙ୍ଗୀକାର କରୁଥିଲେ କାହିଁକି ? ପ୍ରଥମ ଦଶବର୍ଷ ଭିତରେ ଯେତେବେଳେ ଏହି ଲକ୍ଷ୍ୟ ସାଧିତ ହେଲାନି, ସେମାନେ ଏହାର ସମୟସୀମାକୁ ପୁଣି ୧୦ ବର୍ଷ ଲେଖାଁ ଗଡେଇ ଚାଲିଲେ କାହିଁକି ?

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବିଲ୍ ଜାନୁଆରୀ ୨୦୦୩ରେ ସଂସଦରେ ପେଶ୍ କରାଗଲା । ୮୬ତମ ସମ୍ବିଧାନ ସଂଶୋଧନରେ ସୂଚିତ ଲକ୍ଷ୍ୟ ଥିଲା ୬ରୁ ୧୪ବର୍ଷ ପିଲାଙ୍କ ପାଇଁ ଶିକ୍ଷାକୁ ମୌଳିକ ଅଧିକାରରେ ପରିଣତ କରିବା ଏବଂ ତତ୍ ସହିତ ୦-୬ ବର୍ଷର ପିଲାଙ୍କ ପାଇଁ ସଅଳ ଶିଶୁ ଶିକ୍ଷା କାର୍ଯ୍ୟକ୍ରମ ଉପରେ ରାଷ୍ଟ୍ର ଯେପରି ପ୍ରଦାନ କରିବ, ସେଥିପାଇଁ ଏହାକୁ ସମ୍ବିଧାନର ନୀତି-ନିର୍ଦ୍ଦେଶନା ଅଧ୍ୟାୟରେ ଭର୍ତ୍ତି କରିବା । ବର୍ତ୍ତମାନର ବାସ୍ତବ ସ୍ଥିତି ହେଉଛି, ଶତକଡା ୧୭ ଭାଗ ଜନବସତିର ୧କିଲୋମିଟର ଭିତରେ ସ୍କୁଲ ନାହିଁ । ୧୭ କୋଟି ପିଲାଙ୍କ ଭିତରୁ ଏକ ତୃତୀୟାଂଶରୁ ଅର୍ଦ୍ଧେକ ୬-୧୪ ବର୍ଷର ପିଲା ( ୫କୋଟି ୬ଲକ୍ଷରୁ ୭କୋଟି ଯାଏ) ସ୍କୁଲ୍ କୁ ଯାଉନାହାନ୍ତି । ପ୍ରତିବର୍ଷ ୧୪ କୋଟି ପିଲା ନାଁ ଲେଖାଉଥିବା ବେଳେ ପ୍ରାୟ ୫କୋଟି ୯ଲକ୍ଷ ପିଲା ଅଷ୍ଟମ ଶ୍ରେଣୀରେ ପହଞ୍ଚିବା ପୂର୍ବରୁ ସ୍କୁଲ୍ ଛାଡି ଦେଉଛନ୍ତି । ପୁଣି ୧୯୮୬ ଜାତୀୟ ଶିକ୍ଷାନୀତି ଓ ୧୯୯୨ର କାର୍ଯ୍ୟକ୍ରମର ରୂପରେଖରେ ୩ରୁ ୫ ବର୍ଷ ଶିଶୁମାନଙ୍କର ସଅଳ ଶିକ୍ଷା ପାଇଁ ଜୋର୍ ଦିଆଯାଇଥିଲା, ଯାହାକି ବର୍ତ୍ତମାନର ବିଲ୍‌ରେ ଅନ୍ତର୍ଭୁକ୍ତ ନୁହେଁ । ପ୍ରାଥମିକ ଶିକ୍ଷା ସମ୍ବନ୍ଧରେ ସର୍ବସାଧାରଣ ରିପୋର୍ଟ ( Public Report on Basic Education) ୧୯୯୮ରେ ସ୍ଥାନିତ ହୋଇଥିବା ତଥ୍ୟାବଳୀ ସବୁଠୁ ଜନବହୁଳ ଅଥଚ ଦରିଦ୍ର ୪ଟି ରାଜ୍ୟ ( ମଧ୍ୟପ୍ରଦେଶ, ବିହାର, ରାଜସ୍ଥାନ ଓ ଉତ୍ତରପ୍ରଦେଶ ) ରୁ ସଂଗୃହୀତ ହୋଇଥିଲା । ସେଥିରୁ ଜଣା ପଡିଥିଲା ଯେ, ଶତକଡା ୩୧ ଭାଗ ସ୍କୁଲ୍‌ରେ ପକ୍କା ଘର ନାହିଁ , ଶତକଡା ୨୦ ସ୍କୁଲ୍‌ରେ ଜଣେ ମାତ୍ର ଶିକ୍ଷକ, ଶତକଡା ୫୬ରେ ପିଇବା ପାଣି ସୁବିଧା ନାହିଁ ତଥା ଶତକଡା ୭୦ରେ ପାଇଖାନା ସୁବିଧା ନାହିଁ । ଏହିସବୁ ଉତ୍କଟ ସମସ୍ୟାବଳୀକୁ ଶିକ୍ଷା ବିଲ୍ ୨୦୦୪ ମୁକାବିଲା କରିପାରିବ କି ?

By Chitta Behera, 4A Jubilee Tower, Choudhury Bazar, Cuttack-9, Orissa